# DAV PUBLIC SCHOOLS, ODISHA

## PERIODIC ASSESSMENT-I (2023-24)

- Check that this question paper contains **2** printed pages.
- Check that this question paper contains **8** questions.

## SUB: HIGHER ODIA
## CLASS-VI

**Time allowed: 1hour 30 minutes** **M. M.: 40+4**

ସାଧାରଣ ନିର୍ଦ୍ଦେଶାବଳୀ :-
- ନିର୍ଦ୍ଦେଶ ଅନୁସାରେ ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।
- ପ୍ରଶ୍ନ ପତ୍ରରେ **କ,ଖ,ଗ,ଘ** ଏହିପରି **୪ଟି ବିଭାଗ** ଓ **୮ଟି ପ୍ରଶ୍ନ** ଅଛି ।
- **୮ ନମ୍ବର ପ୍ରଶ୍ନଟି** ଉତ୍ତମ ପାଠକ ବୋନସ୍ ନିମନ୍ତେ ଉଦ୍ଦିଷ୍ଟ ।
- ନିର୍ଦ୍ଦେଶ ଅନୁସାରେ ସମସ୍ତ ପ୍ରଶ୍ନର ଉତ୍ତର ନିର୍ଧାର୍ଯ୍ୟ ସମୟରେ ଦେବା ନିମନ୍ତେ ମାନସିକ ସ୍ତରରେ ପ୍ରସ୍ତୁତ ହୁଅ ।
- ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଲେଖିବା ସମୟରେ ଉତ୍ତର ଖାତାରେ ସେହି ପ୍ରଶ୍ନର କ୍ରମିକ ସଂଖ୍ୟା ନିଶ୍ଚୟ ଲେଖ ।
- ଗୋଟିଏ ପ୍ରଶ୍ନର ଉତ୍ତର ଲେଖିସାରିବା ପରେ ଗୋଟିଏ ଧାଡ଼ି ଛାଡ଼ି ଅନ୍ୟପ୍ରଶ୍ନର ଉତ୍ତର ଲେଖ ।

### 'କ' ବିଭାଗ -ପଠନ (୫)

**1.** ନିମ୍ନଲିଖିତ ଅନୁଚ୍ଛେଦଟିକୁ ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ। **(5X1=5)**

ଗାନ୍ଧିଜୀ ପଦଯାତ୍ରାରେ ଆସୁଛନ୍ତି ଓ ଯେଉଁ ଯେଉଁ ସ୍ଥାନରେ ଆସୁଛନ୍ତି, ତାଙ୍କ ସହ ସାମିଲ ହେଉଛନ୍ତି ଅଗଣିତ ଜନତା । ନୀଳାଚଳଧାମ ଶ୍ରୀକ୍ଷେତ୍ରରୁ ହିଁ ଆରମ୍ଭ ହେଲା ଗାନ୍ଧିଙ୍କର ପଦଯାତ୍ରା । ଓଡ଼ିଶା ମାଟିରେ ପାଦ ଦେଉ ଦେଉ ଗାନ୍ଧିଜୀ ଅନୁଭବ କରିଥିଲେ ପରମ ପ୍ରଶାନ୍ତି । ଓଡ଼ିଶାର ପାଣି, ପବନ, ଖାଦ୍ୟ, ପ୍ରାକୃତିକ ପରିବେଶ, ଆଧାତ୍ମିକ ଚେତନା, ଆଚାର-ବ୍ୟବହାର ସବୁକିଛି ତାଙ୍କୁ ପ୍ରଲୁବ୍ଧ କରିଥିଲା । ତେଣୁ ସେ କହୁଥିଲେ ଭାରତବର୍ଷରେ ଓଡ଼ିଶା ମୋର ପ୍ରିୟତମ ସ୍ଥାନ, ଓଡ଼ିଶା ମୋ ପାଇଁ ପବିତ୍ର ତୀର୍ଥଭୂମି । ଏ ମାଟି ମୋ ପାଇଁ ତୀର୍ଥ ସ୍ଥାନ ଏଥିପାଇଁ ଯେ, ଏଇଠି ପ୍ରଥମେ ଚାଲିଚାଲି ଛୁଆଁ ଅଛୁଆଁ ଭେଦଭାବ ଉଠାଇବା ନିମନ୍ତେ ମୁଁ ପ୍ରଚାର ଆରମ୍ଭ କଲି । ଗାନ୍ଧିଜୀ ଆଭାସ ପାଇଥିଲେ କିଛି ଆତତାୟୀ ତାଙ୍କୁ ମାରିଦେଇ ଅସ୍ପୃଶ୍ୟତା ନିବାରଣ କାମ ବନ୍ଦ କରିଦେବାର ଯୋଜନାରେ ଅଛନ୍ତି । ଏ ସବୁ ଶୁଣି ସେଦିନ ଗାନ୍ଧିଜୀ ନିର୍ଭୀକତାର ସହ ହସିହସି କହିଥିଲେ ମୁଁ ରେଳ କିମ୍ବା ମଟରରେ ଯାତ୍ରାକଲେ ଆତତାୟୀମାନଙ୍କୁ ମୋତେ ମାରିବା କଷ୍ଟକର ହୋଇ ପଡ଼ିବ । ତା'ଛଡା ଜଣେ ତୀର୍ଥଯାତ୍ରୀ ଚାଲିଚାଲି ତୀର୍ଥ କରିବା ଉଚିତ । ପ୍ରଭୁ ଶ୍ରୀରାମଙ୍କ ନାମକୁ ତୁଣ୍ଡରେ ଧରି ଏଇ ପବିତ୍ର ଓଡ଼ିଶାରେ ପଦଯାତ୍ରା କରିବାକୁ ଗାନ୍ଧିଜୀ ନିଷ୍ପତ୍ତି ନେଇଥିଲେ । ଜାତି -ଧର୍ମ -ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏକାକାର ହୋଇ ଯାଉଥା'ନ୍ତି ଜାତୀୟତାର ଏ ମହାସ୍ରୋତରେ ।

ପ୍ରଶ୍ନ –

(କ) ଓଡ଼ିଶାରେ ଗାନ୍ଧିଜୀଙ୍କ ପଦଯାତ୍ରା କେଉଁଠାରୁ ଆରମ୍ଭ ହୋଇଥିଲା ?

(ଖ) ଓଡ଼ିଶା ଗାନ୍ଧିଜୀଙ୍କ ପାଇଁ ତୀର୍ଥସ୍ଥାନ ହୋଇଥିଲା କାହିଁକି ?

(ଗ) ଜଣେ ତୀର୍ଥଯାତ୍ରୀ କିପରି ତୀର୍ଥ କରିବା ଉଚିତ ?

(ଘ) ଓଡ଼ିଶା ମାଟିରେ ପାଦ ଦେଉ ଦେଉ ଗାନ୍ଧିଜୀ କ'ଣ ଅନୁଭବ କରିଥିଲେ ?

(ଙ) ଗାନ୍ଧିଜୀ କେଉଁ ନାମଧରି ଓଡ଼ିଶା ମାଟିରେ ପଦଯାତ୍ରାର ନିଷ୍ପତ୍ତି ନେଇଥିଲେ ?

'ଖ' ବିଭାଗ -ଲିଖନ (୫)

**2.** 'ବୃକ୍ଷ ରୋପଣର ଆବଶ୍ୟକତା' ବିଷୟରେ ୧୨୦ରୁ ୧୫୦ ଶବ୍ଦ ମଧ୍ୟରେ ଅନୁଚ୍ଛେଦଟିଏ ଲେଖ । **(1x5=5)**

'ଗ' ବିଭାଗ – ବ୍ୟାକରଣ (୧୦)

**3.** କ) ନିମ୍ନଲିଖିତ ଶବ୍ଦଗୁଡ଼ିକର ଗଦ୍ୟ ରୂପ ଲେଖ । **(3X1=3)**

**i)** ତପତ **ii)** ବରଷି **iii)** ଅଳପ

**ଖ)** ନିମ୍ନଲିଖିତ ଶବ୍ଦଗୁଡ଼ିକ ମଧ୍ୟରୁ ଭିନ୍ନ ଜାତୀୟ ଶବ୍ଦଟିକୁ ଚିହ୍ନଟ କରି ଲେଖ । **(3X1=3)**

i) ଯୋଗୀ , ମୁନି , ଋଷି , ରୋଗୀ

ii) ପୌଢ଼ , ନାଗରିକ , ବାଳକ , ଯୁବକ

iii) ବର୍ଷା , ବିଜୁଳି , ଗିରିଶିଖ , ପବନ

**ଗ)** ନିମ୍ନଲିଖିତ ଶବ୍ଦଗୁଡ଼ିକର ଅର୍ଥ ଲେଖ **।** **(4X1=4)**

i)ନିଶାମୁଖ ii) ଆଲେଖ୍ୟ iii) ପରୱାନା iv) ତ୍ରାସ

<u>'ଘ'ବିଭାଗ– ପାଠ୍ୟପୁସ୍ତକ **(୨୦)**</u>

**4.** ସରଳ ଭାବରେ ଅର୍ଥ ବୁଝାଇ ଲେଖ । **(1X5=5)**

"ଛତ୍ରୁଯେ ଛତ୍ର ପ୍ରାୟ ହୋଇ
ରାଜାର ପ୍ରାୟ ଦିଶେ ମହୀ" ।

5. ସଂକ୍ଷେପରେ ଉତ୍ତର ଲେଖ। **(3X2=6)**

(କ) ରାଜା ମହାରାଜାମାନେ ଜୀବନରେ କାହାର ଆଶ୍ରୟ ନେଇ ନିଜକୁ କୃତାର୍ଥ ମଣୁଥିଲେ ?

(ଖ) ବର୍ଷାଋତୁକୁ ସକଳ ଋତୁଙ୍କର ସାର ବୋଲି କାହିଁକି କୁହାଯାଇଛି ?

(ଗ) ଭାରତର କେଉଁ ପ୍ରାଚୀନ କାବ୍ୟ ନାଟକ ଆଦିରେ ଅରଣ୍ୟର କଥା କୁହାଯାଇଛି **?**

**6.** ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଠିକ୍ ଉତ୍ତରଟିକୁ ବାଛି ଲେଖ। **(4X1=4)**

(କ) ଗ୍ରୀଷ୍ମଋତୁ ପରେ କେଉଁ ଋତୁ ଆସେ **?**

**i)** ବର୍ଷାଋତୁ **ii)** ବସନ୍ତଋତୁ **iii)** ଶୀତଋତୁ **iv)** ଶରତଋତୁ

(ଖ) ପୃଥିବୀ ସୂର୍ଯ୍ୟଙ୍କ ଉତ୍ତାପରେ କେତେ ମାସ ଉତ୍ତପ୍ତ ଥିଲା **?**

**i)** ୭ **ii)** ୮ **iii)** ୯ **iv)**୧୦

(ଗ) ଦୈନିକ ସମ୍ବାଦପତ୍ର 'ସମାଜ'ର ପ୍ରତିଷ୍ଠାତା କିଏ ?

**i)** ଶତ୍ରୁଘ୍ନ ନାଥ **ii)** ବୈଦ୍ୟନାଥ ମିଶ୍ର **iii)** ଜଗନ୍ନାଥ ଦାସ **iv)** ଗୋପବନ୍ଧୁ ଦାସ

(ଘ) କେଉଁମାନେ ତପସ୍ୟା ଫଳ ପାଇ ଖୁସି ହୁଅନ୍ତି **?**

**i)** ପଶୁ **ii)** ପକ୍ଷୀ **iii)** ତପସ୍ୱୀ **iv)** ମେଘମାଳ

**7.** ପ୍ରାୟ ଶହେଟି ଶବ୍ଦ ମଧ୍ୟରେ ଉତ୍ତର ଲେଖ । **(1X5=5)**

**(**କ) କାଜିଙ୍କ ଅଦାଲତରେ ଥିବା ଲୋକେ ସ୍ତବ୍ଧ ହୋଇଗଲେ କାହିଁକି ଏବଂ ତାଙ୍କ ସାହସ ଦେଖି ଲୋକେ କ'ଣ ଭାବିଲେ **?**

**8.** ଉତ୍ତମ ପାଠକ ବୋନସ୍ ନିମନ୍ତେ ପ୍ରସ୍ତାବିତ ପୁସ୍ତକ ଆଧାରରେ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । **(4X1=4)**

(କ) ରାଜା ଉଶୀନର କାହାକୁ ନିଜର କର୍ତ୍ତବ୍ୟ ବୋଲି ମନେ କରୁଥିଲେ ?

(ଖ) କିଏ ଅମୃତର ଫଳ ନୟନତାରା ପାଇଁ ଆଣିଥିଲା ?

(ଗ) ରାଜା ବୁଢ଼ୀଠାରୁ ବିଦାୟନେଲା ବେଳେ ତା' ହାତରେ କ'ଣ ଦେଇଗଲେ ?

(ଘ) କିଏ ଆକାଶ ମାର୍ଗରୁ ଉଡିଆସି ରାଜାଙ୍କ କୋଳରେ ବସି ପଡିଲା ?